# The Odisha Gazette

EXTRAORDINARY
PUBLISHED BY AUTHORITY

No. 127, CUTTACK, THURSDAY, JANUARY 14, 2016/ PAUSA 23, 1937


## HOUSING & URBAN DEVELOPMENT DEPARTMENT

NOTIFICATION

The 14th January, 2016

**S.R.O. No.46**/2016—Whereas, the draft of certain rules further to amend the Odisha Municipal Corporation Rules, 2004 was published as required by sub-section (1) of Section 656 of the Odisha Municipal Corporation Act, 2003 (Odisha Act,11 of 2003) in the Extraordinary issue No. 1802, dated the 30th December, 2015 of the *Odisha Gazette* under the notification of the Government of Odisha in the Housing and Urban Development Department No. 33457-HUD-13-LEGIS-67-POLICY-48/2015, dated the 30th December, 2015 bearing **S.R.O. No. 623**/2015 inviting objections and suggestions from all persons likely to be affected thereby within a period of ten days from the date of publication of the said notification in the *Odisha Gazette*;

And, whereas, the suggestion received by the Commissioner-*cum*-Secretary to Government in respect of the said draft within the stipulated period have been duly considered by the State Government;

Now, therefore, in exercise of the powers conferred by sub-section (1) of Section 656 of the said Act, the State Government do hereby make the following rules further to amend the Odisha Municipal Corporation Rules, 2004, namely: —

**1.** *(1)* These rules may be called the Odisha Municipal Corporation (Amendment) Rules, 2016.

*(2)* They shall come into force on the date of their publication in the *Odisha Gazette*.

**2.** In the Odisha Municipal Corporation Rules, 2004, after Chapter-VII, the following Chapter shall be inserted, namely: —

**"Chapter-VIII**

**Disqualification on the ground of defection**

50. Manner of filing of complaint— *(1)* A complaint for decision relating to disqualification on the ground of defection under section 112 A shall be made to the Election Commission.

*(2)* The complaint under sub-rule(1) may be made in writing to the Election Commission by any Corporator or the Political Party.

*(3)* Before making any complaint in relation to any Corporator, the complainant shall satisfy himself that there are reasonable grounds for believing that a question has arisen as to whether such Corporator has become subject to disqualification under section 112A .

*(4)* Every complaint shall,—

*(a)* contain a concise statement of the material facts on which the complainant relies; and

(b) shall be accompanied by copies of the documentary evidence, if any, on which the complainant relies.

*(5)* Every complaint shall be signed by the complainant and verified in the manner laid down in the Code of Civil Procedure, 1908 (5 of 1908), for the verification of pleadings.

*(6) Annexure*, if any, to the complaint shall also be signed by the complainant and verified in the same manner as the complaint.

*(7)* The complainant has to indicate clearly the name and address of the Corporator along with the ward he represents and the name of the political party by which he has been set up as a candidate for the election as a Corporator.

*(8)* Every complaint under sub-section (1) of Section 112 D shall be disposed of by the Election Commission in accordance with the procedure as applicable while trying a suit under the Code of Civil Procedure, 1908 and the Election Commission, while deciding such complaint shall have the powers of a Civil Court in respect of the following matters, namely: —

*(a)* summoning and enforcing the attendance of any person and examining him on oath;

*(b)* requiring the discovery and production of any document or other materials that may be produced as evidence;

*(c)* receiving evidence on affidavits; and

*(d)* requisitioning any public record or copy thereof from any office." .

[No.1173–HUD-13-LEGIS-67-POLICY-48/2015/HUD.]

By Order of the Governor

**G. MATHIVATHANAN**

Commissioner-*cum*-Secretary to Government

# ଓଡ଼ିଶା ସରକାର
## ଗୃହନିର୍ମାଣ ଓ ପୌର ଉନ୍ନୟନ ବିଭାଗ
## ତାରିଖ 14.01.2016
## ଅଧିସୂଚନା

**ଏସ.ଆର୍.ଓ ସଂଖ୍ୟା. 46/2016—** ଯେହେତୁ ଓଡ଼ିଶା ପୌର ନିଗମ ଅଧିନିୟମ, ୨୦୦୩ (2003 ର ଓଡିଶା ଅଧିନିୟମ, 11) ର ଉପଧାରା (1) ର ଧାରା 656 ଦ୍ୱାରା ଆବଶ୍ୟକ ହେଉଥିବା ପ୍ରକାରେ ଓଡ଼ିଶା ପୌର ନିଗମ ନିୟମାବଳୀ, 2004 କୁ ଅଧିକତର ସଂଶୋଧନ କରିବା ନିମନ୍ତେ ତାହାର ଏକ ଚିଠା ନିୟମାବଳୀ ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅଧିସୂଚନା ସଂଖ୍ୟା.33457-ଏଚ୍‌ୟୁଡି-13-ଲେଜିସ୍-67-ପଲିସି-48/2015, ତା.30 ଡିସେମ୍ବର, 2015 ରିଖରେ *ଓଡ଼ିଶା ଗେଜେଟ*ର ଅସାଧାରଣ ସଂଖ୍ୟା. 1802, ତା. 30 ଡିସେମ୍ବର, 2015 ରିଖରେ ଏସ.ଆର୍.ଓ ସଂଖ୍ୟା. 623/2015 ଭାବରେ ପ୍ରକାଶ କରାଯାଇ ତଦ୍ୱାରା ପ୍ରଭାବିତ ହେବାର ସମ୍ଭାବନାଥିବା ସମସ୍ତ ବ୍ୟକ୍ତିଙ୍କଠାରୁ ଉକ୍ତ ଅଧିସୂଚନା ଓଡ଼ିଶା ଗେଜେଟରେ ପ୍ରକାଶିତ ହେବାର 10 (ଦଶ) ଦିନ ମଧ୍ୟରେ ଆପତ୍ତି ଓ ପ୍ରସ୍ତାବମାନ ଆହ୍ୱାନ କରାଯାଇଥିଲା;

ଏବଂ, ଯେହେତୁ, ନିର୍ଦ୍ଧାରିତ ସମୟସୀମାମଧ୍ୟରେ ଉକ୍ତ ଚିଠା ସମ୍ବନ୍ଧରେ କମିଶନର-*ତଥା*-ଶାସନ ସଚିବଙ୍କ ଦ୍ୱାରା ପ୍ରାପ୍ତ ପ୍ରସ୍ତାବ ରାଜ୍ୟ ସରକାରଙ୍କ ଦ୍ୱାରା ବିଚାର କରାଯାଇଅଛି ।

ସୁତରାଂ, ସଂପ୍ରତି, ରାଜ୍ୟ ସରକାର ଉକ୍ତ ଅଧିନିୟମର ଧାରା 656 ର ଉପଧାରା (1) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ, ଓଡ଼ିଶା ପୌର ନିଗମ ନିୟମାବଳୀ, 2004 କୁ ଅଧିକତର ସଂଶୋଧନ କରିବା ନିମନ୍ତେ ଏତଦ୍ୱାରା ନିମ୍ନଲିଖିତ ନିୟମାବଳୀ ପ୍ରଣୟନ କରୁଅଛନ୍ତି, ଯଥା:—

1. *(1)* ଏହି ନିୟମାବଳୀ ଓଡ଼ିଶା ପୌର ନିଗମ (ସଂଶୋଧନ) ନିୟମାବଳୀ, 2016 ଭାବରେ ଅଭିହିତ ହେବ ।

*(2) ଓଡ଼ିଶା ଗେଜେଟ୍*ରେ ପ୍ରକାଶିତ ହେବା ତାରିଖଠାରୁ ଏହା ବଳବତ୍ତର ହେବ ।

2. ଓଡ଼ିଶା ପୌର ନିଗମ ନିୟମାବଳୀ, 2004 ର ଅଧ୍ୟାୟ-VII ପରେ ନିମ୍ନଲିଖିତ ଅଧ୍ୟାୟ ଅନ୍ତଃସ୍ଥାପିତ ହେବ, ଯଥା:—

"ଅଧ୍ୟାୟ-VIII

ଦଳବଦଳ କାରଣରୁ ଅଯୋଗ୍ୟତା

"50. କେଉଁ ରୀତିରେ ଅଭିଯୋଗ ଦାଖଲ କରାଯିବ—*(1)* ଧାରା 112 କ ଅନୁଯାୟୀ ଦଳବଦଳ ହେତୁ ଅଯୋଗ୍ୟତା ସଂପର୍କିତ ଅଭିଯୋଗ ନିର୍ବାଚନ କମିସନଙ୍କ ନିକଟରେ ଦାଖଲ ହେବ ।

*(2)* ଉପନିୟମ (1) ଅନୁସାରେ ଲିଖିତ ଆକାରରେ ନିର୍ବାଚନ କମିସନଙ୍କ ନିକଟରେ କୌଣସି କର୍ପୋରେଟର କିମ୍ବା ରାଜନୈତିକ ଦଳ ଅଭିଯୋଗ କରିପାରିବେ ।

*(3)* କୌଣସି କର୍ପୋରେଟରଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ କରିବା ପୂର୍ବରୁ ଉକ୍ତ କର୍ପୋରେଟର ଧାରା 112କ ଅନୁଯାୟୀ ଅଯୋଗ୍ୟର ବଶବର୍ତ୍ତୀ ହୋଇଛନ୍ତି କି ନାହିଁ, ସେ ବିଷୟରେ ଯଦି ଏକ ପ୍ରଶ୍ନ ଉଠେ, ତେବେ ଅଭିଯୋଗକାରୀଙ୍କର ହୃଦବୋଧ ହେବା ଉଚିତ୍ ଯେ, ପ୍ରକୃତରେ ସେପରି ଅଯୋଗ୍ୟତାର ଯୁକ୍ତିଯୁକ୍ତ କାରଣ ରହିଛି ।

*(4)* ପ୍ରତ୍ୟେକ ଅଭିଯୋଗରେ—

*(କ)* ଅଭିଯୋଗକାରୀ ଯେଉଁ ମୌଳିକ ତଥ୍ୟକୁ ଆଧାର କରିବେ ତାହାର ଏକ ସଂକ୍ଷିପ୍ତ ବିବରଣୀ ଦାଖଲ କରିବେ, ଓ

*(ଖ)* ଅଭିଯୋଗକାରୀ ଯଦି କୌଣସି ଦସ୍ତାବିଜ ସାକ୍ଷ୍ୟ ଉପରେ ନିର୍ଭର କରୁଥାନ୍ତି, ତେବେ ତାହାର ନକଲଗୁଡିକ ସଂଯୁକ୍ତ କରିବେ ।

(5) ପ୍ରତ୍ୟେକ ଅଭିଯୋଗ, ଅଭିଯୋଗକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ ଏବଂ ସିଭିଲ ପ୍ରକ୍ରିୟା ସଂହିତା, 1908 (1908 ର 5) ରେ ଅର୍ଜିର ସତ୍ୟାପନ ପାଇଁ ଉଲ୍ଲେଖଥିବା ପ୍ରକାରେ ସତ୍ୟାପିତ ହେବ ।

*(6)* ଅଭିଯୋଗର ଯଦି କୌଣସି ସଂଲଗ୍ନକ ଥାଏ, ତାହା ମଧ୍ୟ ଅଭିଯୋଗକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ ଏବଂ ଅଭିଯୋଗଟି ଯେଉଁପ୍ରକାରେ ସତ୍ୟାପିତ ହୋଇଥାଏ, ସେହି ଏକା ପ୍ରକାରେ ସତ୍ୟାପିତ ହେବ ।

*(7)* କର୍ପୋରେଟରଙ୍କର ନାମ ଓ ଠିକଣା ତଥା ସେ କେଉଁ ୱାର୍ଡକୁ ପ୍ରତିନିଧିତ୍ୱ କରୁଛନ୍ତି, କର୍ପୋରେଟର ଭାବେ ଏକ ନିର୍ବାଚନରେ ସେ କେଉଁ ଦଳ ଦ୍ୱାରା ଜଣେ ପ୍ରାର୍ଥୀ ଭାବେ ଛିଡା ହୋଇଥିଲେ ସେ ବିଷୟଗୁଡିକରେ ଅଭିଯୋଗକାରୀ ସ୍ପଷ୍ଟରୂପେ ଦର୍ଶାଇବେ ।

*(8)* ଓଡ଼ିଶା ପୌର ନିଗମ ଅଧିନିୟମ, 2003 ର ଧାରା 112ଘ ର ଉପଧାରା (1) ଅନୁଯାୟୀ ପ୍ରତ୍ୟେକ ଅଭିଯୋଗ ସିଭିଲ ପ୍ରକ୍ରିୟା ସଂହିତା, 1908 ଅଧିନରେ ଏକ ମକଦ୍ଦମାର ପରିଚାଳନା ସମୟରେ ଯେଉଁ ପ୍ରକ୍ରିୟା ପ୍ରଯୋଜ୍ୟ ହୁଏ, ସେହି ଅନୁସାରେ ରାଜ୍ୟ ନିର୍ବାଚନ କମିସନଙ୍କ ଦ୍ୱାରା ଫଇସଲାହେବ ଏବଂ ସେପରି ଅଭିଯୋଗ ନିଷ୍ପତ୍ତି କରିବା ସମୟରେ ନିମ୍ନଲିଖିତ

ବିଷୟଗୁଡିକ ସଂକ୍ରାନ୍ତରେ ନିର୍ବାଚନ କମିସନଙ୍କ ଏକ ସିଭିଲ ନ୍ୟାୟାଳୟର କ୍ଷମତାମାନ ରହିବ, ଯଥା:-

*(କ)* କୌଣସି ବ୍ୟକ୍ତିଙ୍କୁ ହାଜିର ହେବା ପାଇଁ ସମନକରିବା ଏବଂ ତାଙ୍କର ଉପସ୍ଥିତିକୁ ବାଧ୍ୟକରିବା ଓ ତାଙ୍କୁ ସଶପଥ ପରୀକ୍ଷାକରିବା;

*(ଖ)* ସାକ୍ଷ୍ୟ ରୂପେ ଦାଖଲ କରାଯିବାକୁ ଥିବା କୌଣସି ଦସ୍ତାବିଜ ବା ଅନ୍ୟ ବିଷୟ ଆବିଷ୍କାର ଓ ପେଶ୍ କରିବାକୁ ଆବଶ୍ୟକ କରିବା;

*(ଗ)* ଶପଥପତ୍ର ଉପରେ ସାକ୍ଷ୍ୟ ଗ୍ରହଣକରିବା; ଓ

*(ଘ)* କୌଣସି ସରକାରୀ କାର୍ଯ୍ୟାଳୟରୁ ସରକାରୀ ନଥି କିମ୍ବା ତାହାର ନକଲ ବରାଦ କରିବା ।" ।

[ସଂଖ୍ୟା-**1173**–ଏଚ୍.ୟୁ.ଡି.-**13**- ଲେଜିସ୍-**67**-ପଲିସ୍-**48/2015**/ଗୃ.ନ.ଉ.]

ରାଜ୍ୟପାଳଙ୍କ ଆଦେଶକ୍ରମେ,
ଜି.ମାଥିଭାଥନନ୍
କମିଶନର-*ତଥା*-ଶାସନ ସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 1428-173+350